**ଆଜିର ମନ୍ତବ୍ୟ**

"ଭାରତ ଆସନ୍ତା ବର୍ଷ ଲାଗି ଜି୨୦ର ଅଧ୍ୟକ୍ଷତା ଗ୍ରହଣ କରିଛି। କଶ୍ମୀର ପ୍ରସଙ୍ଗ ସମାଧାନରେ ପାକିସ୍ତାନ ସହ ଆଲୋଚନା ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଅନ୍ତ ଘଟାଇବାରେ ନୂଆଦିଲ୍ଲୀ ଏହାକୁ ସୁଯୋଗ ଭାବେ ନେଇପାରିବ।

– ଫାରୁକ୍ ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୋବ ଧୋବଳିଆ ଚୋରି କରନ୍ତି**
**ରଙ୍କୁଣୀ ଦେଖିଲେ ମାରି ଗୋଡାନ୍ତି।**

କ୍ଷମତାରେ ଥିବା କିଛି ବ୍ୟକ୍ତି ନିଜ ପଦବୀର ଅପବ୍ୟବହାର କରି ଧନ ଆତ୍ମସାତ କରି ଚାଲୁଥିବା ବେଳେ ସମାଜର ନିମ୍ନ ଶ୍ରେଣୀର ଲୋକ ସେପରି କରିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ପରନ୍ତୁ ଗରିବ ଲୋକ ପେଟ ବିକଳରେ ଯଦି କିଛି ଛୋଟମୋଟ ଚୋରି କାମ କରିପକାନ୍ତି, ତେବେ ଉକ୍ତ ତଥାକଥିତ ଧୋବ ଧୋବଳିଆ ବାବୁମାନଙ୍କ ଆକ୍ରୋଶର ଶିକାର ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧୋବା ଘରେ ନାହିଁ ବାର ବରତ**
**ନିତି କାଚିଲେ ନିତି ଭାତ।**

ଧୋବା ନିଇତି ଲୁଗା ବା କପଡା କାଚି ପଇଠ କଲେ ଗରାଖଙ୍କଠାରୁ ସେବାବଦ ଅର୍ଥ ପାଇଥାଏ। ପରିଶ୍ରମ କରି ଉପାର୍ଜନ କରୁଥିବା ଉକ୍ତ ଅର୍ଥରେ ସେ ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# 'କିଟ୍'ରେ ହେବ ବାୟୋ-ଟେକ୍ନୋଲୋଜି ଉତ୍କର୍ଷ କେନ୍ଦ୍ର

## ରାଜ୍ୟ ସରକାର ଦେବେ ୨ କୋଟି

ଭୁବନେଶ୍ୱର,୨୧।୧୧(ବ୍ୟୁରୋ)

'କିଟ୍'ର ସ୍କୁଲ ଅଫ୍ ବାୟୋ–ଟେକ୍ନୋଲୋଜିକୁ ଉତ୍କର୍ଷ କେନ୍ଦ୍ର (ସେଣ୍ଟର ଅଫ୍ ଏକ୍ସିଲେନ୍ସ)ରେ ପରିଣତ କରାଯିବ। ଏଥିପାଇଁ ସରକାରଙ୍କ ବିଜ୍ଞାନ ଓ କାରିଗରି ବିଭାଗ ୨ କୋଟି ଟଙ୍କା ଯୋଗାଇଦେବ। ସେଣ୍ଟର ଅଫ୍ ଏକ୍ସିଲେନ୍ସ ସହିତ ଇନ୍‌କ୍ୟୁବେଶନ ସେଣ୍ଟରର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଗବେଷଣା ଓ ବିକାଶ ସୁବିଧା ସାଙ୍ଗକୁ ଭିତ୍ତିଭୂମି ବିକାଶ ଓ କାରିଗରି ସମୁନ୍ନତି ଉପରେ ପ୍ରାଧାନ୍ୟ ଦିଆଯିବ। ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ପୂର୍ବରୁ ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ଏସ୍)କୁ ଷ୍ଟାର୍ଟଅପ୍ ବିକାଶ, ତାଲିମ ଏବଂ ଇନ୍‌କ୍ୟୁବେଶନ ସେଣ୍ଟର ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ବାୟୋ–ଟେକ୍‌ନୋଲୋଜି ଗବେଷଣା ଓ ତା'ର ବ୍ୟାପକ ଉପଯୋଗିତା ଉପରେ ସରକାର ପ୍ରାଥମିକତା ଦେଇଛନ୍ତି ବୋଲି ଦର୍ଶାଇ ମନ୍ତ୍ରୀ କହିଛନ୍ତି, ଅନ୍ଧାରୁଆଠାରେ ଭାରତ ବାୟୋଟେକ୍‌କୁ ସରକାର ଜାଗା ଯୋଗାଇ ଦେଇଛନ୍ତି। ଏବେ ସେଠାରେ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷହେବାକୁ ଯାଉଛି ଏବଂ ଶୀଘ୍ର ସେଠାରେ ଟିକା ଉତ୍ପାଦନ ହେବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି।

ପ୍ରଥମ ପୃଷ୍ଠାରୁ...

## ପ୍ଲାଟଫର୍ମକୁ ଚଢ଼ିଗଲା...

କରାଯାଇଥିବାବେଳେ ୬ଟିର ଆଂଶିକ ବାତିଲ୍ କରାଯାଇଛି। ସେହିପରି ୨୧ଟି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ଘଟଣାର ତଦନ୍ତ କମିଶନରେଟ୍ ଅଫ୍ ରେଲ୍‌ୱେ ସେଫ୍ଟି(ସିଆର୍‌ଏସ୍) ସ୍ତରରେ କରିବାକୁ ନିର୍ଦ୍ଦେଶ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ୩୨୮୫୬ ଓ ୨୮୭୫୫ ନମ୍ବର ଇଞ୍ଜିନ ସଂଯୋଗ ମାଲବାହୀ ଟ୍ରେନ କୋରେଇ ଷ୍ଟେଶନରେ ସକାଳ ୬ଟା ୪୪ ମିନିଟରେ ଲାଇନ୍‌ଚ୍ୟୁତ ହୋଇଥିଲା। ଟ୍ରେନ୍‌ର ୨ଟି ଇଞ୍ଜିନ ସହ ୧୯ଟି ବଗି ଷ୍ଟେଶନ ଅତିକ୍ରମ କରିସାରିଥିବାବେଳେ ମଝିରେ ଥିବା ୧୪ଟି ବଗି ଲାଇନ୍‌ଚ୍ୟୁତ ହୋଇଥିଲା। ନିମିଷକ ମଧ୍ୟରେ ୨ଟି ବଗି ପ୍ଲାଟଫର୍ମର ଉଭୟ ପାର୍ଶ୍ୱରେ ଚଢ଼ିଯାଇ ଭୀଷଣ ଶବ୍ଦ ସୃଷ୍ଟି କରିଥିଲା। ଏହି ସମୟରେ ପ୍ଲାଟଫର୍ମରେ ଥିବା ଯାତ୍ରୀ ବିଶ୍ରାମାଗାରରେ ଭଦ୍ରକରୁ କଟକ ଅଭିମୁଖେ ଆସିବାକୁ ଥିବା ଡିଏମ୍‌ୟୁ ଟ୍ରେନ୍‌କୁ ଅପେକ୍ଷା କରିଥିବା ୪୦ଜଣ ଯାତ୍ରୀ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ହେଲେ ବଗିଗୁଡିକ ଟିକେଟ କାଉଣ୍ଟର କାନ୍ଥ ଭାଙ୍ଗି ଆଗକୁ ମାଡି ଯିବାରୁ ଅନେକ ଯାତ୍ରୀ ଟ୍ରେନ ବଗି ତଳେ ଚାପି ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ମୃତ ଦେହକୁ ଉଦ୍ଧାର କରାଯାଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବଗିର ଚକାଗୁଡ଼ିକ ସବୁ ବାହାରି ଯିବା ସହ ବଗି କ୍ଷତିଗ୍ରସ୍ତ ହୋଇଛି। ଏପରି କି ଷ୍ଟେଶନର ଫୁଟ୍ ଓଭରବ୍ରିଜ ଶିଡି ପର୍ଯ୍ୟନ୍ତ ବଗିଗୁଡିକ ଚଢ଼ି ଯାଇଥିଲା। ଯାତ୍ରୀ ପ୍ରତୀକ୍ଷାଳୟ ଘର ଓ ବିଦ୍ୟୁତ୍ ଖୁଣ୍ଟ ଏଥିରେ ନଷ୍ଟ ହୋଇଛି। ଦୁର୍ଘଟଣା ସମୟରେ ଭୟଙ୍କର ଶବ୍ଦ ହେବା ସହ ଅଞ୍ଚଳଟି ଧୂଆଁମୟ ହୋଇଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ଘଟଣା ଯୋଗୁଁ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଖବରପାଇ ଏସ୍‌ପି ରାହୁଲ ପି.ଆର, କୋରେଇ, ପାଣିକୋଇଲି ଓ ଯାଜପୁରରୋଡ ଥାନା ଅଧିକାରୀ, ଏଡିଏମ କଳିଙ୍ଗନଗର, ପିଡି ଡିଆରଡିଏ, ବ୍ୟାସନଗର ତହସିଲଦାର ଓ ଅତିରିକ୍ତ ତହସିଲଦାର, ଯାଜପୁର ଏମପି ଶର୍ମିଷ୍ଠା ସେଠୀ, ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ, କୋରେଇ ବିଧାୟକ ଅଶୋକ ବଳ, ପୂର୍ବତନ ବିଧାୟକ ଆକାଶ ଦାସନାୟକ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଥିଲେ। ଖୋର୍ଦ୍ଧା ଡିଆରଏମ ଲିଙ୍କେଶ ରାୟ, ଭଦ୍ରକ ଓ ଯାଜପୁର ରୋଡର ରେଳ ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରେଳ ବିଭାଗ ସୁରକ୍ଷା କର୍ମୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥାଇ ପାରେ ବୋଲି ଆଶଙ୍କା କରାଯାଉଛି। ରେଳ ଲାଇନ ଓ ପ୍ଲାଟଫର୍ମରୁ ଦୁର୍ଘଟଣାଗ୍ରସ୍ତ ବଗି ଗୁଡିକର ସ୍ଥାନାନ୍ତର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ କ୍ଷତିଗ୍ରସ୍ତ ରେଳ ଧାରଣାକୁ ମରାମତି କରାଯିବା ପରେ ରେଳ ଚଳାଚଳ ସ୍ୱାଭାବିକ ହେବ ବୋଲି ରେଲୱେ ଅଧିକାରୀଙ୍କଠାରୁ ସୂଚନା ମିଳିଛି।

## ୧୫ ଟ୍ରେନ ବାତିଲ, ୨୧ଟିର ଗତିପଥ ପରିବର୍ତ୍ତନ

**ଯାଜପୁର ଅଫିସ,୨୧।୧୧:** କୋରେଇ ଷ୍ଟେଶନରେ ମାଲବାହୀ ଟ୍ରେନ ଦୁର୍ଘଟଣା ଯୋଗୁ ୧୫ଟି ଟ୍ରେନ ଚଳାଚଳକୁ ବାତିଲ ଓ ୬ ଟ୍ରେନକୁ ଆଂଶିକ ଭାବେ ବାତିଲ କରାଯାଇଛି। ଅନ୍ୟପକ୍ଷେ ୨୧ଟି ଟ୍ରେନର ଗତିପଥକୁ ପରିବର୍ତ୍ତନ କରାଯାଇଛି। ବାତିଲ ଟ୍ରେନଗୁଡିକ ହେଲା ୧୨୦୭ ଜନଶତାବ୍ଦୀ ହାଓଡା–ଭୁବନେଶ୍ୱର, ୧୨୨୭୭ ହାଓଡା–ପୁରୀ ଶତାବ୍ଦୀ, ୧୨୮୨୧ ଶାଳିମାର–ପୁରୀ ଏକ୍ସପ୍ରେସ, ୧୨୮୨୨ ପୁରୀ–ଶାଳିମାର ଏକ୍ସପ୍ରେସ, ୧୮୦୪୫ ଶାଳିମାର–ହାଇଦ୍ରାବାଦ ଏକ୍ସପ୍ରେସ, ୦୮୪୫୪/୦୮୪୫୩ କଟକ–ଭଦ୍ରକ–କଟକ ପାସେଞ୍ଜର, ୦୮୪୪୧/୦୮୪୪୨ ଭୁବନେଶ୍ୱର–ବ୍ରହ୍ମପୁର–ଭୁବନେଶ୍ୱର ପାସେଞ୍ଜର, ୦୮୪୧୨ ଭୁବନେଶ୍ୱର–ବାଲେଶ୍ୱର ପାସେଞ୍ଜର, ୦୮୪୩୮/୦୮୪୩୭ କଟକ–ଭଦ୍ରକ–କଟକ ପାସେଞ୍ଜର, ୨୨୮୬୩ ହାଓଡା–ବାଙ୍ଗାଲୋର ଏକ୍ସପ୍ରେସ, ୨୨୮୪୧ ସନ୍ତ୍ରାଗଛି–ତାମ୍ରମ ଏକ୍ସପ୍ରେସ, ୧୮୦୩୭ ଖଡଗପୁର–ଯାଜପୁର କେନ୍ଦୁଝର ରୋଡ୍ ଏକ୍ସପ୍ରେସ, ୧୮୦୩୮ ଯାଜପୁର କେନ୍ଦୁଝର ରୋଡ୍–ଖଡଗପୁର ଏକ୍ସପ୍ରେସ ଓ ୧୮୦୨୨ ଖୋର୍ଦ୍ଧା ରୋଡ–ଖଡଗପୁର ଏକ୍ସପ୍ରେସ ଏବଂ ୨୨।୧୧।୨୦୨୨ରେ ୦୮୦୩/୦୮୦୩୧ ବାଲେଶ୍ୱର–ଭଦ୍ରକ–ବାଲେଶ୍ୱର ପାସେଞ୍ଜର ଟ୍ରେନ ବାତିଲ ହୋଇଛି। ସେହିପରି ଆଂଶିକ ଭାବେ ୧୨୦୭୪ ଭୁବନେଶ୍ୱର–ହାଓଡା ଜନଶତାବ୍ଦୀ, ୧୨୨୭୮ ପୁରୀ–ହାଓଡା ଶତାବ୍ଦୀ ଏକ୍ସପ୍ରେସ, ୦୮୪୧୧ ବାଲେଶ୍ୱର–ଭୁବନେଶ୍ୱର ପାସେଞ୍ଜର, ୧୮୦୨୧ ଖଡଗପୁର–ଖୋର୍ଦ୍ଧା ଏକ୍ସପ୍ରେସ, ୧୨୮୯୧ ବାଙ୍ଗିରିପୋଷି–ଭୁବନେଶ୍ୱର ଏକ୍ସପ୍ରେସ୍, ୧୨୮୯୨ ଭୁବନେଶ୍ୱର–ବାଙ୍ଗିରିପୋଷି ଏକ୍ସପ୍ରେସ୍ ଟେନ ବାତିଲ ହୋଇଛି।

## ଜାଭା ଦ୍ୱୀପରେ ଭୂକମ୍ପ...

ଅନେକ ସ୍ଥାନରେ ଭୂସ୍ଖଳନ ହୋଇଛି। ଏକ ଇସ୍‌ଲାମୀୟ ବୋର୍ଡିଂ ସ୍କୁଲ, ହସ୍ପିଟାଲ ଏବଂ ସରକାରୀ କୋଠା ସମେତ ଅନେକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। କ୍ଷୟକ୍ଷତିର ସବିଶେଷ ରିପୋର୍ଟ ମିଳିନାହିଁ। ଗ୍ରେଟର ଜାକର୍ତ୍ତା ଅଞ୍ଚଳରେ ସର୍ବାଧିକ ଭୂକମ୍ପ ଅନୁଭୂତ ହୋଇଥିଲା। ସେଠାରେ ଥିବା ସୁଉଚ୍ଚ ଅଟ୍ଟାଳିକାଗୁଡ଼ିକ ଦୋହଲିଥିଲା। ଭୟରେ ଲୋକେ ରାସ୍ତାକୁ ଚାଲିଆସିଥିଲେ। ଇଣ୍ଡୋନେସିଆରେ ଅନେକ ସମୟରେ ଭୂକମ୍ପ ହୋଇଥାଏ। ତେବେ ଜାକର୍ତ୍ତାରେ ଏଭଳି ଭୂକମ୍ପ ଅସାଧାରଣ ଥିଲା ବୋଲି କୁହାଯାଉଛି। ଗତ ଫେବୃୟାରୀରେ ପଶ୍ଚିମ ସୁମାତ୍ରା ପ୍ରଦେଶରେ ୬.୨ ତୀବ୍ରତାର ଭୂକମ୍ପ ହୋଇଥିଲା, ଯେଉଁଥିରେ ୨୫ ଜଣଙ୍କ ଜୀବନ ଯିବା ସହ ୪୬୦ରୁ ଅଧିକ ଆହତ ହୋଇଥିଲେ। ଗତବର୍ଷ ଜାନୁୟାରୀରେ ପଶ୍ଚିମ ସୁଲାୱେସି ପ୍ରଦେଶରେ ଭୂକମ୍ପ ଯୋଗୁ ଶତାଧିକ ପ୍ରାଣ ହରାଇବା ସହ ୬,୫୦୦ ଲୋକ ଆହତ ହୋଇଥିଲେ। ୨୦୦୪ରେ ଭାରତ ମହାସାଗରରେ ଶକ୍ତିଶାଳୀ ଭୂକମ୍ପ ଯୋଗୁ ଇଣ୍ଡୋନେସିଆ ସମେତ ବିଭିନ୍ନ ଦେଶରୁ ୨,୩୦,୦୦୦ ଲୋକଙ୍କ ଜୀବନ ଯାଇଥିଲା।

# ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ହରେକୃଷ୍ଣ ମହତାବ ଚିନ୍ତା କରୁଥିଲେ




ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

**ରାଜ୍ୟସ୍ତରୀୟ ଜୟନ୍ତୀ**

- **ଜୟନ୍ତୀ କମିଟି ପକ୍ଷରୁ ୧୫ଜଣଙ୍କ ସମ୍ମାନ ପ୍ରଦାନ**
- **ଉତ୍ସବ ପାଳିଲା ସୂଚନା ଓ ଲୋକସମ୍ପର୍କ ବିଭାଗ**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସୋମବାର ପିଏମ୍‌ଜି ଛକରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଜୟନ୍ତୀ କମିଟି ପକ୍ଷରୁ ସାଧାରଣ ସମ୍ପାଦକ ତଥା ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆନ୍ଧ୍ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇଥିଲେ। ଡ. ମହତାବ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ସର୍ବଦା ଚିନ୍ତା କରୁଥିଲେ। ଭୁବନେଶ୍ୱରକୁ ରାଜଧାନୀ କରିବା ଓ ହୀରାକୁଦ ଡ୍ୟାମ୍ ହେବା ତାଙ୍କର ଅବଦାନ। ତାଙ୍କ ପରି ଚେତନା ଭାବନା ଜାଗ୍ରତ କରି ଆମକୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପର୍ବତାରୋହୀ ସିଦ୍ଧାର୍ଥ ରାଉତରାୟ,ଦିଲୀପ ଶ୍ରୀଚନ୍ଦନ, ମନ୍ମଥ ରାଉତରାୟ, ଜୟନ୍ତୀ କମିଟି ସଂଯୋଜକ ଜୟକୃଷ୍ଣ ମଲିଆ ପ୍ରମୁଖ ଯୋଗଦେଇ ଡ. ମହତାବଙ୍କ ସମ୍ପର୍କରେ କହିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୫ ଜଣଙ୍କୁ 'ଡ. ହରେକୃଷ୍ଣ ମହତାବ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାପରେ ସେଠାରୁ ପାଇକଦଳ ବନାଟି, କୁସ୍ତି, ପାରମ୍ପରିକ ଖଣ୍ଡା, ବାଡ଼ି ଖେଳ ପ୍ରଦର୍ଶନ କରି ରାମେଶ୍ୱର ପାଟଣାକୁ ଯାଇଥିଲେ।

ସେହିପରି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନରେ ଡ. ହରେକୃଷ୍ଣ ମହତାବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ସୁଲତା ଦେଓ ଯୋଗଦେଇ କହିଲେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନବଋକଳର ନିର୍ମାତା ଡ. ହରେକୃଷ୍ଣ ମହତାବ ରାଜନୀତି ବାଦ୍ ଐତିହାସିକ, ସାହିତ୍ୟିକ, ସାମ୍ବାଦିକ, ସମ୍ପାଦକ, ଦକ୍ଷ ପ୍ରଶାସକ ଭାବେ ସୁପ୍ରତିଷ୍ଠିତ ଥିଲେ। ଡ. ମହତାବ ଓଡ଼ିଶାର ଏକ ବହୁମୁଖୀ ଅନୁଷ୍ଠାନ ଥିଲେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ କହିଲେ, ଡ. ମହତାବଙ୍କ ପ୍ରତି କାର୍ଯ୍ୟରେ ସ୍ୱକୀୟତା, ସାହାସ ଓ ନିର୍ଭୀକତାର ପରିପ୍ରକାଶ ହେଉଥିଲା। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ଗବେଷକ ଡ. ଗିରିଶ ପ୍ରସାଦ ସ୍ୱାଇଁ ଡ. ମହତାବଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣରେ ଡ. ମହତାବଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତା ବୋଲି ଦର୍ଶାଇଥିଲେ। ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିବାବେଳେ ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ।



ସରକାରୀ ମାନ୍ୟତା, ଛଟେଇ କର୍ମୀଙ୍କୁ ପୁନଃ ନିଯୁକ୍ତି ଆଦି ୮ଦଫା ଦାବି ନେଇ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିସ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୧୪ ଜଜ୍‌ଶିପ୍‌ରେ ଖୋଲିଲା ୨୫ ନୂଆ କଗ୍‌ନିଜେନ୍ସ କୋର୍ଟ

କଟକ ଅଫିସ,୨୧।୧୧

ରାଜ୍ୟର ବିଭିନ୍ନ ଜିଲାରେ ଥିବା ୧୪ଟି ଜଜ୍‌ଶିପ୍‌ରେ ୨୫ ନୂତନ କଗ୍‌ନିଜେନ୍ସ ଟେକିଂ କୋର୍ଟ(ବିଚାର ଗ୍ରହଣୀୟ ଅଦାଲତ) ସୋମବାର କାର୍ଯ୍ୟାରମ୍ଭ କରିଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭର୍ଚୁଆଲ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରି କହିଥିଲେ, କଗ୍‌ନିଜେନ୍ସ ଟେକିଂ କୋର୍ଟଗୁଡ଼ିକରେ ମାମଲାଗୁଡ଼ିକ ସମାନ ଭାବରେ ବିଚାରପତିମାନଙ୍କ ମଧ୍ୟରେ ବାଣ୍ଟି ହୋଇ ଫଇସଲା ହେବା ସହଜ ହେବ। ଆଗାମୀ ଦିନରେ ଅଧିକରୁ ଅଧିକ ଏହି କୋର୍ଟ ଖୋଲାଯିବ, ଯାହାକି ବିଚାର ବ୍ୟବସ୍ଥାରେ ଏକ ନୂତନତା ଆଣିବାରେ ସହାୟକ ହେବ। ହାଇକୋର୍ଟ ବିଚାରପତି ବି. ଆର୍. ଷଡ଼ଙ୍ଗୀ କହିଛନ୍ତି, ପଡ଼ିରହିଥିବା ମାମଲାର ଫଇସଲା କରିବା ଦିଗରେ ଏହି ନୂତନ କୋର୍ଟ ସହାୟକ ହେବ। ସେହିପରି ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର କହିଥିଲେ, ଅଦାଲତର ମାମଲା ବୋଝ ଏହି କୋର୍ଟଗୁଡ଼ିକ ଦ୍ୱାରା ହ୍ରାସ ହେବ। ବିଚାରପତି ଯଶୱନ୍ତ ସିଂହ ଜିଲା କୋର୍ଟଗୁଡ଼ିକରେ ପଡ଼ିରହିଥିବା କ୍ରିମିନାଲ କେସ୍‌ଗୁଡ଼ିକର ଫଇସଲା ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ନୂତନ କୋର୍ଟଗୁଡ଼ିକ ମଧ୍ୟରୁ ଖୋର୍ଦ୍ଧା, ତାଳଚେର, ବାଲେଶ୍ୱର, ଢେଙ୍କାନାଳ, ବ୍ରହ୍ମପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ବାରିପଦା, ସୁନ୍ଦରଗଡ଼ଠାରେ ଗୋଟିଏ ଲେଖାଏ, ଭଦ୍ରକ, ପୁରୀ, ସମ୍ବଲପୁରରେ ୨ଟି ଲେଖାଏ, କଟକରେ ୪ ଓ ଭୁବନେଶ୍ୱରରେ ୫ଟି ଖୋଲାଯାଇଛି। ସମ୍ପୃକ୍ତ ଜଜ୍‌ଶିପ୍‌ଗୁଡ଼ିକର ବିଚାରପତି, ବିଚାର ବିଭାଗୀୟ ଅଧିକାରୀ ଓ ବାର୍ ସଦସ୍ୟମାନେ ଭର୍ଚୁଆଲରେ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ।

## ୨୦୩୦ ପୂର୍ବରୁ ଚନ୍ଦ୍ରରେ...

ପୃଷ୍ଠକୁ ନାସା ମଣିଷ, ଉଦ୍ଭିଦ ପଠାଇବ। ସେମାନେ ଅତିବେଶିରେ କେତେଦିନ ଏହି ପ୍ରାକୃତିକ ଉପଗ୍ରହରେ ରହୁଛନ୍ତି ତାହାର ପର୍ଯ୍ୟବେକ୍ଷଣ କରିବାକୁ ଯାଉଛି। ନାସା ପକ୍ଷରୁ ଚନ୍ଦ୍ରକୁ ପ୍ରେରଣ କରାଯାଇଥିବା ଆର୍ଟେମିସ୍–୧ ସ୍ପେସ୍ ଫ୍ଲାଇଟ୍‌ରେ ଓରିଓନ୍ ଛଡ଼ାଯାଇଛି। ଓରିଓନ୍ ଚନ୍ଦ୍ର ସମ୍ବନ୍ଧରେ ଅଧିକ ତଥ୍ୟ ହାସଲ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବ। ଆର୍ଟେମିସ୍–୧ ସଫଳ ହେବା ପରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ଆର୍ଟେମିସ୍ ୨ ଓ ୩ ଉପଗ୍ରହ ଚନ୍ଦ୍ରକୁ ପଠାଇବା ଯୋଜନା ରଖିଛି। ଏହି ମିଶନ୍ ମଣିଷକୁ ଚନ୍ଦ୍ରରେ ପହଞ୍ଚାଇବା ଦିଗରେ ବିଶ୍ୱବାସୀଙ୍କ ପାଇଁ ଏକ ଯାନ ସଦୃଶ କାର୍ଯ୍ୟ କରିବ ବୋଲି ହୋୱାର୍ଡ ହୁ ମତ ପ୍ରକାଶ କରିଛନ୍ତି। ଚନ୍ଦ୍ର ବ୍ୟତୀତ ମଙ୍ଗଳ ଗ୍ରହ ସମ୍ବନ୍ଧରେ ଅଧିକ ତଥ୍ୟ ହାସଲ କରିବା ଦିଗରେ ମଧ୍ୟ ନାସା କାମ କରୁଛି। ଏହି ବିଶେଷ ପ୍ରକାର ମିଶନରେ ବ୍ୟବସାୟିକ ଓ ଅନ୍ତର୍ଜାତୀୟ ସହଯୋଗୀଙ୍କୁ ସାମିଲ କରାଯାଉଛି, ଯାହାଫଳରେ ମିଶନର କାର୍ଯ୍ୟପ୍ରଣାଳୀରେ ବ୍ୟଗ୍ରତା ଆସିବ। ଆଗାମୀ ପିଢ଼ି ଉତ୍ସାହିତ ହୋଇ ଏ ଦିଗରେ କାର୍ଯ୍ୟ କରିବା ଲାଗି ଆଗ୍ରହ ପ୍ରକଟ କରିବେ ବୋଲି ନାସା କହିଛି।

## ବଟି ଆଦାୟ ଭିଡିଓ...

ଡିଜିପିଙ୍କ ନିକଟରେ ଅଭିଯୋଗ କରାଯିବା ସହ କଟକ ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉକ୍ତ ଭାଇରାଲ ଭିଡିଓ ସମ୍ପର୍କରେ ସୂଚନା ଦିଆଯାଇଛି। ଏଥିରେ ଦଳର ମହିଳାମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି, ବାଲିଯାତ୍ରାରେ ସାଇକେଲ ଷ୍ଟାଣ୍ଡ ନିଲାମ ନେଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାକୁ ଡାକି ଆଇଆଇସି ମିଶ୍ର ବଟି ଅର୍ଥ ଦେବା ନିମନ୍ତେ ତାଗିଦା କରିବା ସହ ଗାଳିଗୁଲଜ କରିଥିଲେ। ବଟି ନ ଦେଲେ ମିଥ୍ୟା କେସ୍‌ରେ ଫସାଇଦେବାକୁ ଧମକ ଦେଇଥିଲେ। ଏହି ଘଟଣାରେ ଉକ୍ତ ଥାନାର ଏସ୍‌ଆଇ ମୋତିଲାଲ ମାରାଣ୍ଡି ମଧ୍ୟ ସାମିଲ ଅଛନ୍ତି।

ଚଳିତବର୍ଷ ବାଲିଯାତ୍ରାରେ କଟକ ମହାନଗର ନିଗମ ପକ୍ଷରୁ ସରକାରୀ ଭାବେ ୨୧ଟି ପାର୍କିଂ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସେଥିମଧ୍ୟରୁ କାର୍ତ୍ତିକେଶ୍ୱର ଗଡ଼ା (ପୂର୍ବ) ଷ୍ଟାଣ୍ଡର ଟେଣ୍ଡର ହାସଲ କରିଥିଲେ ଭବାନୀ ଶଙ୍କର ବେଉରା। ଏହି ପାର୍କିଂରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଂଯୋଜକ ସ୍ମୃତିରଞ୍ଜନ ମିଶ୍ର ସହଯୋଗୀ ଭାବେ ଜଡ଼ିତ ଥିଲେ। ସ୍ମୃତିରଞ୍ଜନଙ୍କ ଅଭିଯୋଗ ଅନୁସାରେ ଥାନାଧିକାରୀ ମିଶ୍ର, ଏସ୍‌ଆଇ ମାରାଣ୍ଡି ସେମାନଙ୍କୁ ଥାନାକୁ ଡାକି ପାର୍କିଂ ବାବଦକୁ ୫୦ ହଜାର ଟଙ୍କାର ଚାନ୍ଦା ଦାବି କରିଥିଲେ। ବିଭିନ୍ନ ସମୟରେ ମାନସିକ ଚାପ ପକାଇ ତାଙ୍କଠାରୁ ୪୦ ହଜାର ଟଙ୍କା ଚାନ୍ଦା ଭାବେ ଆଦାୟ ମଧ୍ୟ କରିଥିଲେ। ପରେ ପୁଣି ଅଧିକ ଚାନ୍ଦା ଦେବା ପାଇଁ ଆଇଆଇସି ବାଧ କରିଥିଲେ। ବାଲିଯାତ୍ରାରେ ପାର୍କିଂ ବ୍ୟବସାୟରେ କ୍ଷତି ହୋଇଛି। ଏଥିପାଇଁ ଚାନ୍ଦା କମ୍ କରିବାକୁ ଆଇଆଇସିଙ୍କୁ ଅନୁରୋଧ କରିଥିଲେ। ହେଲେ ସେ ଶୁଣି ନ ଥିଲେ। ଏତେ ପରିମାଣର ଚାନ୍ଦା ଦେବାକୁ ଅସମର୍ଥ ହେବାରୁ ସେମାନଙ୍କୁ ଥାନାରେ ଗାଳିଗୁଲଜ କରିବା ସହ ମିଥ୍ୟା ମୋକଦ୍ଦମାରେ ଫସାଇଦେବାର ଧମକ ଦେଇଥିଲେ। ବାଲିଯାତ୍ରା ପଡ଼ିଆ କ୍ୟାଣ୍ଟନମେଣ୍ଟ ଥାନା ଅଧୀନରେ ରହିଛି। ବାଲିଯାତ୍ରାରେ ଥିବା ପାର୍କିଂ ଷ୍ଟାଣ୍ଡ୍ ନିଲାମଧାରୀ, ଦୋକିମାଲିକ, ସାଧାରଣ ବ୍ୟବସାୟୀମାନଙ୍କଠାରୁ ବେଆଇନ ଭାବେ ଚାନ୍ଦା ଆଦାୟ କରାଯାଇଛି। ଏହାର ଦାୟିତ୍ୱ ଏସ୍‌ଆଇ ମାରାଣ୍ଡି ନେଇଥିଲେ। ଏହାର ସମ୍ପୂର୍ଣ୍ଣ ବିବରଣୀ ସେ ଏକ ନୀଳ ଡାଏରୀରେ ଲେଖି ରଖୁଥିଲେ। ଖୋଦ୍ ଆଇଆଇସି ମିଶ୍ର ଓ ଏସ୍‌ଆଇ ମାରାଣ୍ଡି ଟଙ୍କା ମାଗୁଥିବା ଓ ଗାଳିଗୁଲଜ କରୁଥିବା ଭିଡ଼ିଓକୁ ଖବରଦାତା ସମ୍ମିଳନୀରେ ସ୍ମୃତି ପଟ୍ଟନାୟକ ପ୍ରଦର୍ଶନ କରିଥିଲେ। କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଚାନ୍ଦା ଆଦାୟର ବିଭାଗୀୟ ତଦନ୍ତ ଦାବି କରାଯାଇଛି। ଆଇଆଇସି ଓ ଏସ୍‌ଆଇଙ୍କୁ ତୁରନ୍ତ ନିଲମ୍ବନ ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ବାଲିଯାତ୍ରାରେ ବିଭିନ୍ନ ବ୍ୟବସାୟୀଙ୍କଠାରୁ ଆଦାୟ ହୋଇଥିବା କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଚାନ୍ଦାର ହିସାବ ଥିବା ନୀଳ ଡାଏରୀକୁ ଜବତ କରିବାକୁ ଡିଜିପିଙ୍କ ନିକଟରେ ଦାବି ହୋଇଥିଲା। ପରେ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଇଆଇସି ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଭାଜପା ନେତା ସାକ୍ୟ ସିଂ ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ କାଳୀ ପ୍ରସନ୍ନ ମହାନ୍ତି, କାଠଯୋଡ଼ି ମଣ୍ଡଳ ସଭାପତି ନନ୍ଦ କିଶୋର ଜେନା, ଅନ୍ନଦା ପ୍ରସାଦ ଦାସ, ଧିରେନ ସେଠୀ ଓ ସୁନୀଲ ଦ୍ୱିବେଦୀଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜିର ସପ୍ତମସ୍ଥ କେତୁଯୁକ୍ତ ଚନ୍ଦ୍ର ସମସ୍ୟାବହୁଳ ଯାତ୍ରା ସହ ପାରିବାରିକ ଅଶାନ୍ତି ସୃଷ୍ଟି କରିପାରେ। ଦର୍ଶନୀୟ ସ୍ଥାନ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବା ସୂଚନା ରହିଛି। କଳା, ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟାଦିରେ ଯୋଗଦେବାକୁ ନିମନ୍ତ୍ରଣ ପାଇବେ। ଧାରକରଜ କରି କାମ ଚଳାଇନେବେ।

**ବୃଷ**
ରୋଗ, ଋଣ ଓ ଶତ୍ରୁତା ହେତୁ ଟେନ୍‌ସନ କିଛି ମାତ୍ରାରେ ବୃଦ୍ଧି ପାଇବ। ତଥାପି ଆପଣ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟା ସୁଧାରିନେବେ। ଦୂରଯାତ୍ରାରେ କୌଣସି ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଖାଇବାରେ ଅନିୟମିତତା ଓ ଅଜୀର୍ଣ୍ଣଜନିତ ପେଟ ଗୋଳମାଳରୁ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ**
ସ୍ଥଗିତ କାମ କୌଣସି ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟରୁ ସମ୍ପୂର୍ଣ୍ଣ ହୋଇପାରିବ । ବିବାଦର ସମାଧାନ କିମ୍ବା ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହୋଇପାରେ। କର୍ମକ୍ଷେତ୍ର, ଜମିଜମା, ପରିବହନ, କଳା, ସାହିତ୍ୟ ପ୍ରଭୃତିରେ ମଧ୍ୟମ ଫଳ ପାଇବେ। ଧାର୍ମିକ କାର୍ଯ୍ୟ କିମ୍ବା ସାମୂହିକ କାର୍ଯ୍ୟରେ ଶ୍ରମ ବିନିଯୋଗ କରି ଆତ୍ମତୃପ୍ତି ଲାଭ କରିବେ।

**କର୍କଟ**
ପାରିପାର୍ଶ୍ୱିକ ପରିସ୍ଥିତିରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ବିଭିନ୍ନ କାରଣକୁ କେନ୍ଦ୍ରକରି ସାମୟିକ ମାନସିକ ଅଶାନ୍ତି ସୃଷ୍ଟି ହୋଇପାରେ। ଅପରାହ୍ନରେ ଆଶା କରିଥିବା ଜିନିଷ ଲାଭ କରିବା କାରଣରୁ ମାନସିକ ଅବସାଦ ଦୂର ହେବ। ଆଜିର ଯାତ୍ରା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟାଦି ମନ୍ଦ ହେବନାହିଁ।

**ସିଂହ**
ରବିଙ୍କ ଦୁର୍ବଳତା ସାଙ୍ଗକୁ ପାପଗ୍ରସ୍ତ ଚନ୍ଦ୍ରଜନିତ ମାନସିକ ଅଶାନ୍ତି ଅନୁଭବ କରିପାରନ୍ତି। ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବା କାରଣରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଭୁଲ୍ ବୁଝାମଣା ହେତୁ କର୍ମକ୍ଷେତ୍ରରେ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଏଜେନ୍ସି, ସାମ୍ବାଦିକତା, ପ୍ରକାଶନ, ଗବେଷଣାଦିରେ ସଫଳତା ମିଳିବ।

**କନ୍ୟା**
ଧନ ସ୍ଥାନ କେତୁ ସଂଯୋଗ ହେତୁ ଅର୍ଥ ସମ୍ପର୍କିତ ବିବାଦ କିମ୍ବା ଧନହାନି ଘଟିପାରେ। ପ୍ରତିବନ୍ଧକ ଆସିଲେ ମଧ ସାମ୍ନା କରିବାର ଧୈର୍ଯ୍ୟ ବଳବତ୍ତର ରହିବ। କର୍ମକ୍ଷେତ୍ରରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେବ। କ୍ରୟ ବିକ୍ରୟ କ୍ଷେତ୍ରରେ ଜମିଜମା ବିବାଦର ସମାଧାନ କରିପାରନ୍ତି।

**ତୁଳା**
ସ୍ଥଗିତ କେତେକ ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ମାନସିକ ଅସ୍ଥିରତା ଲାଗିରହିବ। ପରିବାରରେ ଅନାହୂତ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ସାମାଜିକ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବିଛା**
ପରିବାରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେଇ କଳହ ସୃଷ୍ଟି କରିପାରନ୍ତି। କର୍ମକ୍ଷେତ୍ରରେ ବିବାଦୀୟ ଘଟଣାର ଦିଗ ହଠାତ୍ ବଦଳି ଯାଇପାରେ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି । ଗୁପ୍ତଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧିପାଇବ, କିନ୍ତୁ ଚିନ୍ତାର କୌଣସି କାରଣ ନାହିଁ ।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। କ୍ରୀଡ଼ା, କଳା, ସାହିତ୍ୟ, ସଂସ୍କୃତି ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଆବଶ୍ୟକତା ଅନୁଭବ କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଲେଖାପଢ଼ା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମକର**
ମାନସିକ ସ୍ଥିରତା ଅଭାବରୁ ପ୍ରତ୍ୟେକ କାମକୁ ସନ୍ଦେହଜନକ ଦୃଷ୍ଟିରେ ଦେଖିବେ। ଆଜି ଦିନ ମଧ୍ୟରେ ବନ୍ଧୁମାନଙ୍କ ସହ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ପ୍ରତିଟି କ୍ଷେତ୍ରରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଆତ୍ମୀୟମାନଙ୍କ ସହ ନିଜର ସୁଖଭ୍ରମଣ ଯୋଗ ରହିଛି।

**କୁମ୍ଭ**
ଶାରୀରିକ ଅସୁସ୍ଥତା କାରଣରୁ ଅଧିକାଂଶ ସମୟ ଉଦାସୀନ ରହିବେ। ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ପାଖରେ ଥିବା ଲୋକଟିର କାର୍ଯ୍ୟକାଳାପ ସନ୍ଦେହଜନକ ମନେହେବ।

**ମୀନ**
ଅଷ୍ଟମସ୍ଥ ଚନ୍ଦ୍ରଙ୍କ ଯୋଗୁ ନକାରାତ୍ମକ ଚିନ୍ତାଧାରା ମନକୁ ବେଶି ବିବ୍ରତ କରିପାରେ। ପାରିବାରିକ ସ୍ତରରେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ବିବାଦୀୟ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ ।

ଆଜି ନଭେମ୍ବର ୨୨ ତାରିଖ, ମାର୍ଗଶିର କୃଷ୍ଣ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର। ଶ୍ରୀଜୀଉଙ୍କ ଶ୍ରାଦ୍ଧବେଶ, ଶ୍ରୀମନ୍ଦିରରେ ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମଦିବସ। ରାଶିନକ୍ଷତ୍ର–ସ୍ୱାତୀ/ତୁଳା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୦୨ ଗତେ, ଘ.୦୬।୪୬ ମଧ୍ୟେ, ଘ.୦୮।୪୭ ଗତେ, ଘ.୧୧।୧୦ ମଧ୍ୟେ ଶୁଭବେଳା। ଅପରାହ୍ନ ଘ.୦୨।୧୭ ଗତେ, ଘ.୦୩।୩୯ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଗଛରେ ପିଟିହେଲା ଟ୍ରକ୍



ଛେଣ୍ଡିପଦା,୨୧।୧୧(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଦେଇ ଯାଇଥିବା ଛେଣ୍ଡିପଦା -ଜରପଡା ପୂର୍ତ୍ତ ବିଭାଗ ରାସ୍ତାର ବନଦୁର୍ଗା ପୀଠ ନିକଟରେ ଭାରସାମ୍ୟ ହରାଇ ଏକ ଟ୍ରକ୍ ଗଛରେ ପିଟି ହୋଇଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣାରୁ ପ୍ରକାଶ, ଛେଣ୍ଡିପଦା -ଜରପଡା ପୂର୍ତ୍ତ ବିଭାଗ ରାସ୍ତାରେ କାର୍ବନ ଇଟା ନେଇ ଅନୁଗୋଳ କାନ୍ତାମିଲା ଅଞ୍ଚଳର ଏକ ୧୨ ଚକିଆ ଟ୍ରକ୍ ଝାରସୁଗୁଡା ଯାଉଥିବା ବେଳେ ବିଳମ୍ବିତ ରାତିରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଟ୍ରକ୍‌ର ଆଗଚକ ଛିଣ୍ଡିଯାଇଥିବା ବେଳେ ସମ୍ମୁଖ ଭାଗ ଆଂଶିକ ଭାଙ୍ଗିରୁଜି ଯାଇଛି। ଛେଣ୍ଡିପଦା ପୋଲିସ ଗାଡ଼ି ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ୨ ଅଧ୍ୟାପକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଆଠମଲ୍ଲିକ, ୨୧।୧୧ (ଡି.ଏନ.ଏ.)- ଆଠମଲ୍ଲିକ ମହାବିଦ୍ୟାଳୟର ଦୁଇ ଅଧ୍ୟାପକ ଡ. ହିମାଂଶୁ ଶେଖର ପାଢ଼ୀ ଏବଂ ଡ. ଅଜୟ କୁମାର ଦାସଙ୍କ ବଦଳି ହୋଇଥିବାରୁ ସୋମବାର ଉଭୟଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ଆଦିତ୍ୟ କୁମାର ସାହୁଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଅଣଶିକ୍ଷକ, କର୍ମଚାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ ୨ ଅଧ୍ୟାପକଙ୍କ ଉଚ୍ଚକୋଟିର ଶିକ୍ଷାଦାନ ଶୈଳୀର ଉଚ୍ଚ ପ୍ରଶଂସା କରିଥିଲେ।

### ଦେଶୀ ମହୁଲି ମଦ ଜବତ, ଜଣେ ଗିରଫ

କଣିହାଁ,୨୧।୧୧(ଡି.ଏନ.ଏ.)-କଣିହାଁ ବ୍ଲକ ସମଲ ଥାନା ପୋଲିସ ବେଆଇନ ଭାବେ ଦେଶୀ ମଦବିକ୍ରି ଅଭିଯୋଗରେ ଜଣକୁ ଗିରଫ କରିଛି। ଆଇଆଇସି ଯାଜ୍ଞସେନୀ ପ୍ରଧାନ କହିଛନ୍ତି, ସମଲ ଥାନା କୁଲେଇ ପଞ୍ଚାୟତ ତୁମ୍ବଗୋଲା ଗ୍ରାମର ଯୁବକ ସୁଶାନ୍ତ ଦଳ ବେହେରା (୨୫) ଗ୍ରାମର ନିଜ ଦୋକାନରେ ମଦ ରଖି ବେଆଇନ ଭାବେ ବିକ୍ରି କରୁଥିଲେ। ସୋମବାର ସନ୍ଧ୍ୟାରେ ଚଢ଼ାଉ କରି ଘଟଣାସ୍ଥଳରୁ ୧୦ ଲିଟର ମହୁଲି ମଦ ସହିତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୩୫୮/୨୨ରେ ମାମଲା ରୁଜୁ ହୋଇଛି।

# କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ମାରକପତ୍ର



କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ।

ତାଳଚେର, ୨୧।୧୧ (ନି.ପ୍ର.)

ତାଳଚେର ଓ ପାଲଲହଡ଼ା ଉପଖଣ୍ଡକୁ ନେଇ ସ୍ୱତନ୍ତ୍ର ତାଳଚେର ଜିଲା ଘୋଷଣା ଦାବିରେ ତାଳଚେର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତାଳଚେର ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସବୁଠାରୁ ଅଧିକ ରାଜସ୍ୱ ଦେଉଥିବାରୁ ଏ ଅଞ୍ଚଳର ଗୁରୁତ୍ୱକୁ ଉପଲବ୍ଧି କରି ସରକାର ଏହାକୁ ଯଥାଶୀଘ୍ର ଜିଲା ଘୋଷଣା କରିବା ପାଇଁ ତାଳଚେର ଜନସାଧାରଣଙ୍କ ତରଫରୁ ରାଜ୍ୟ ସରକାରଙ୍କ ଠାରେ ଦାବି କରାଯାଇଛି। କ୍ରିୟାନୁଷ୍ଠାନ କମିଟିର ଏକ ଶୋଭାଯାତ୍ରା ସ୍ଥାନୀୟ ପ୍ରେସ୍ କ୍ଲବଠାରୁ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ ଯାଇଥିଲା। ଏହି ଶୋଭାଯାତ୍ରାରେ କେଶବ ଭୂତିଆ, ପଦ୍ମଚରଣ ସାମଲ, ବଜରଙ୍ଗ ଅଗ୍ରୱାଲା, ବିନୋଦ ଲାଲ, ବିଦ୍ୟାଧର ପ୍ରଧାନ, ଅଶ୍ୱିନୀ ସାହୁ, ଜିନେସ୍ ସାହୁ, ସୁକାନ୍ତ ଦାସ, ଅଭୟ ପାଣି, ଗଗନ ବିହାରୀ ଦାସ, ପ୍ରଫୁଲ୍ଲ ନାଏକ, ସୌମ୍ୟସଞ୍ଜୀବ ମିଶ୍ର, ସଞ୍ଜୀବ ନାଏକ, ସଂଗ୍ରାମ କେଶରୀ କୁଅଁର, ସନ୍ତୋଷ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଖଜୁରି ରସ କାଟିବାକୁ କେନ୍ଦ୍ରକରି ମାରପିଟ

ଛେଣ୍ଡିପଦା,୨୧।୧୧(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ଡେଉଁରିଆଝରଣ ଗ୍ରାମରେ ଖଜୁରି ଗଛରୁ ରସ କାଟିବାକୁ କେନ୍ଦ୍ରକରି ମାରପିଟ ଅଭିଯୋଗ ହୋଇଛି। ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ଡେଉଁରିଆଝରଣ ଗ୍ରାମର ଆକୁଳ ବେହେରା ସେହି ଗ୍ରାମର ନୀଳମଣି ଧଳଙ୍କ ବାଡିରେ ଥିବା ଖଜୁରୀଗଛରୁ ରସ କାଟୁଥିଲେ। ସେହି ସମୟରେ ଗ୍ରାମର ସୁଦର୍ଶନ ବେହେରା ସେଠାକୁ ଆସି ରସ କାଟିବାକୁ ବାରଣ କରିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲ। ଏଥିରେ ସୁଦର୍ଶନ ରାଗିଯାଇ ପାଖରେ ଥିବା ଶିଅଳ (କଟୁରି ଘଷା ବାଡିରେ)ରେ ଆକୁଳଙ୍କୁ ପିଟିଦେଇଥିଲେ। ଫଳରେ ଆକୁଳଙ୍କ ହାତ ଭାଙ୍ଗିଯାଇଥିଲା। ଏ ନେଇ ଆକୁଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୫୭୩/୨୨ରେ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ସୁଦର୍ଶନଙ୍କୁ ଗିରଫ କରିଛି।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବଇଣ୍ଡା,୨୧।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ସର୍କଲ ଲୁହାମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଅବସରଗ୍ରହଣ କରିଥିବା ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷକ ନବକିଶୋର ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବରୁ ଅବସରଗ୍ରହଣ କରିଥିବା ଶିକ୍ଷକ ହରିହର ସାହୁଙ୍କୁ ସର୍କଲ ଶିକ୍ଷକ ସଂଘ ପକ୍ଷରୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ବସନ୍ତ ନାୟକ, ଦିଲୀପ ପ୍ରଧାନ, ବସନ୍ତ ପ୍ରଧାନ, ବିଭୂତିଭୂଷଣ ସାହୁ, ସ୍ମିତାରାଣୀ ବେହେରା, କିଶୋର ଚନ୍ଦ୍ର ସାହୁ, ପ୍ରତାପ ପ୍ରଧାନ, ନିତ୍ୟାନନ୍ଦ ବାରିକ, ପ୍ରଦୀପ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପାଦକ ବିପିନି ବିହାରୀ ସାମଲ ବିବରଣୀ ପାଠ କରିଥିଲେ। ଉପ ସଭାପତି ପ୍ରଦୋଷ ମହାପାତ୍ର ହଣ୍ଡପା ସର୍କଲରେ ଯୋଗଦେଇଥିବା ନୂତନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ।



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

# ଏନ୍‌ଜେନ୍, ସେସୁ ଦଣ୍ଡିତ

**୪ ବର୍ଷ ପରେ ମାମଲାର ରାଏ**

ଅନୁଗୋଳ ଅଫିସ, ୨୧।୧୧

ଏକ ବିଦ୍ୟୁତ୍ ସେବା ଅଭିଯୋଗର ଶୁଣାଣି କରି ଅନୁଗୋଳ ଖାଉଟି ବିବାଦ ବିଚାର ଆୟୋଗ ପୂର୍ବ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ଏନ୍‌ଜେନ୍ ଗ୍ଲୋବାଲ ସଲ୍ୟୁସନ ଓ ସେସୁ ଅନୁଗୋଳକୁ ଦଣ୍ଡିତ କରିଛନ୍ତି। ଦୀର୍ଘ ୪ ବର୍ଷର ଆଇନଗତ ଲଢେଇ ପରେ ଅଭିଯୋଗକାରୀଙ୍କ ସପକ୍ଷରେ ନ୍ୟାୟ ମିଳିଛି।

ମାମଲାରୁ ପ୍ରକାଶ, ତୁରଙ୍ଗ ଗାଁର ରୁଚିର କୁମାର ଦାସ ଗତ ୨୯ ଜାନୁୟାରୀ ୨୦୧୯ରେ ଖାଉଟି ଅଦାଲତରେ ଅଭିଯୋଗ କରିଥିଲେ। ତାଙ୍କ ଘର ମିଟର ୨୦୦୪ରୁ ଖରାପ ଥିଲା। ବିଦ୍ୟୁତ୍ ବିଭଗ ୧ କିଲୋୱାଟ ଲୋଡ ଭିତ୍ତିରେ ଦେୟ ଆଦାୟ କରୁଥିଲା। ୯ ଫେବୃୟାରୀ ୨୦୧୭ରେ ହଠାତ ବିଭାଗୀୟ ସ୍କ୍ୱାଡ୍ ଚେକିଂ କରି ଘରେ ଗୋଟିଏ ଏସି ଓ ଗିଜର ସଂଯୋଗ ନ ହୋଇ ରଖା ଯାଇଥିବା ଦେଖିଥିଲେ। ରୁଚିରଙ୍କ ପରିବାର ଏହା ନାଲ୍‌କୋରୁ ଅବସର ସମୟରେ ମିଳିଥିବା ଉପହାର ଏବଂ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବା କହିଥିଲେ। ଏପରି କି ଘଟଣାର ପରିଦିନ ନୂଆ ମିଟର ଲଗାଇବା ପାଇଁ ଆବେଦନ କରିଥିଲେ। କିନ୍ତୁ ବିଭଗ ପକ୍ଷରୁ ୪ କିଲୋୱାଟ ଲୋଡରେ ଦେୟ ଦେବାକୁ ଚିଠି କରାଯିବା ସହ ଅତିରିକ୍ତ ଦେୟ ବାବଦକୁ ୪୨୮୭୯.୪୬ ଟଙ୍କାର ବିଲ୍ ଧରାଇ ଦେଇଥିଲେ। ଫଳରେ ରୁଚିର ଖାଉଟି ଅଦାଲତଙ୍କ ଆଶ୍ରୟ ନେଇଥିଲେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଖାଉଟିଙ୍କୁ ହଇରାଣ କରି ମାନସିକ ଯନ୍ତ୍ରଣା ଦେବା ଅଭିଯୋଗରେ ଅଦାଲତ ୨୦ ହଜାର ଟଙ୍କା ଅର୍ଥ ଦଣ୍ଡ ଦେବା ସହ ମକଦ୍ଦମା ବାବଦକୁ ୫ ହଜାର ଟଙ୍କା ଅତିରିକ୍ତ ଦେବାକୁ ସେସୁ ଓ ଏନ୍‌ଜେନ୍‌କୁ ନିର୍ଦ୍ଦେଶ ଦେଇଛନ୍ତି।

## ବଳାତ୍କାର ଅଭିଯୁକ୍ତ ଗିରଫ

ଛେଣ୍ଡିପଦା,୨୧।୧୧(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜରପଡା ଥାନା ଅଞ୍ଚଳର ବିପିନ ନାଏକଙ୍କୁ ଗିରଫ କରିଛି। ପୋଲିସ କହିଛି, ବିପିନ ନାବାଳିକାଙ୍କୁ ଅପହରଣ କରିନେଇଥିବା ଗତ ଜାନୁୟାରୀ ୧୦ ତାରିଖରେ ଛେଣ୍ଡିପଦା ଥାନାରେ ନାବାଳିକାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୨/୨୨ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ଜୁନ ୬ରେ ନାବାଳିକାଙ୍କୁ ଜରପଡାରୁ ଉଦ୍ଧାର କରିବା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ତେବେ ଅଭିଯୁକ୍ତ ବିପିନ ଜରପଡାରେ ଥିବା ପୋଲିସ ଖବର ପାଇ ତାଙ୍କୁ ଗିରଫ କରିଛି।

# ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି

ଅନୁଗୋଳ ଅଫିସ, ୨୧।୧୧

ଅନୁଗୋଳ ଜିଲା ଖିଣ୍ଡା ବ୍ରହ୍ମା କୁମାରୀ ପାଠଶାଳାର ପ୍ରଥମ ବାର୍ଷିକ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅନୁଗୋଳ ବ୍ରହ୍ମା କୁମାରୀ ସେବାକେନ୍ଦ୍ରର ମୁଖ୍ୟ ପରିଚାଳିକା ବ୍ରହ୍ମା କୁମାରୀ ମିନତୀ ପୌରୋହିତ୍ୟ କରିବା ସହ ଜୀବନକୁ ସରସ ସୁନ୍ଦର କରିବା ପାଇଁ ସହଜ ରାଜଯୋଗ ଅଭ୍ୟାସ କରିବା ନିମନ୍ତେ ଈଶ୍ୱରୀୟ ନିମନ୍ତ୍ରଣ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଖିଣ୍ଡା ଗ୍ରାମ ସଭାପତି ହଗୁରୁ ଦେହୁରୀ ଯୋଗଦାନ କରି ଏଭଳି ଆଧ୍ୟାତ୍ମିକ ସଚେତନ କାର୍ଯ୍ୟକ୍ରମ ବର୍ତ୍ତମାନ ସମୟରେ ଅଧିକ ଆବଶ୍ୟକ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁଶାନ୍ତ ପ୍ରଧାନ ଶୁଭେଚ୍ଛା ଜ୍ଞାପନ କରିଥିଲେ। ସଭାକାର୍ଯ୍ୟ ସଂଯୋଜନା କରିଥିଲେ ବ୍ରହ୍ମା କୁମାର ନାରାୟଣ ଭାଇ। ଏଥିରେ ଖିଣ୍ଡା, ମରଣ୍ଡା, ମହୀଧରପଡା, କୁଲେଇପଶି, ଜାମୁଣ୍ଡା, ଛେଳିଆପଡା, କଂସରା, ଚନ୍ଦନପୁର, ଶଙ୍ଖପୁର, ମାଧପୁର ଆଦି ଗ୍ରାମରୁ ବହୁ ସଂଖ୍ୟାରେ ଈଶ୍ୱରୀୟ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ସହିତ ସକାଳେ ଏକ ବିଶାଳ ଶାନ୍ତି ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା।




# ନବବର୍ଷକୁ ସ୍ୱାଗତ ପାଇଁ 'ତ୍ରିରଙ୍ଗା ଓ ସୁପ୍ରଭାତ'ର ପ୍ରସ୍ତୁତି

ଢେଙ୍କାନାଳ ଅଫିସ, ୨୧।୧୧

ନବବର୍ଷକୁ ସ୍ୱାଗତ କରିବା ପାଇଁ ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ 'ତ୍ରିରଙ୍ଗା ଓ ସୁପ୍ରଭାତ' ପକ୍ଷରୁ ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଦେଷ୍ଟା ସୁକାନ୍ତ ମିଶ୍ରଙ୍କ ଅଧକ୍ଷତା କରିଥିଲେ।

ଡିସେମ୍ବର ୩୦ ଏବଂ ୩୧ ତାରିଖରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଶହୀଦ ଯବାନଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯିବ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଜୀରୋନାଇଟ୍‌କୁ ସେଲିବ୍ରେଶନ୍ କରାଯିବ। ଏଥିପୂର୍ବରୁ ଝୋଟି, ଲଘୁନୃତ୍ୟ, ଚିତ୍ରାଙ୍କନ ଆଦି ବିଭାଗରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଅନୁଷ୍ଠାନର କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକ ପ୍ରାରମ୍ଭରେ ଅନୁଷ୍ଠାନର ନିର୍ଦ୍ଦେଶିକା ରାଜଶ୍ରୀ ଶତପଥୀ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ସଂଯୋଜକ ଦେବାଶିଷ ମିଶ୍ର, ସତ୍ୟସ୍ୱରୂପ ଦାସ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଅରବିନ୍ଦ ସାହୁ, ବିନୋଦ ମହାନ୍ତି, ନାଟ୍ୟକାର ଦୀନେଶ ଦାସ, ଅଥୟ ସାହୁ, କାମାକ୍ଷାପ୍ରସାଦ ରଣା, ସୁଶାନ୍ତ କର, ଆଶିଷ ଶତପଥୀ, ଏଏନ୍‌ପି ଲୋପାମୁଦ୍ରା, ଗୀତାଞ୍ଜଳି ବାରିକ, ଜିଜ୍ଞାସୁ ସାହୁ, ପ୍ରମୁଖ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ୩୧ ତାରିଖ ରାତିରେ ହେବାକୁ ଥିବା ସଙ୍ଗୀତ ଆସରକୁ ଖୋକା ଭାଇଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯିବ ବୋଲି ନିଷ୍ପତ୍ତି ରହିଛି।

# ମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକଙ୍କ ସମେତ ଅନ୍ୟମାନେ।

ବଇଣ୍ଡା,୨୧।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ଉରୁକୁଳା ଗ୍ରାମରେ ଲକ୍ଷ୍ମୀ ମଣ୍ଡପ ଓ ଆମ୍ବପାଳଠାରେ ଡେ କେୟାର ସେଣ୍ଟର ନିର୍ମାଣ ପାଇଁ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଭୂମିପୂଜା କରିଥିଲେ। ଏଥିସହ ଗ୍ରାମାଞ୍ଚଳର ବିକାଶ ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନ, ଆମ୍ବପାଳ ସରପଞ୍ଚ ସୁଲୋଚନା ବୀର, ବିଲେଇନାଳି ସରପଞ୍ଚ ବବିତା ପ୍ରଧାନ, ରଣିଆକଟା ସରପଞ୍ଚ ସୁଲୋଚନା ପ୍ରଧାନ, ଠେଲକନାଳି ସରପଞ୍ଚ ଅମିତ ସାହୁ, ବିଜେଡି ନେତା ପ୍ରଦୀପ ବୀର, ସତିଶ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ତାପସ ସାହୁ, ଆଲୋକ ଦେହୁରିଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଅନୁଗୋଳ ଅଫିସ, ୨୧।୧୧

ଅନୁଗୋଳ ଜିଲା ନାଲ୍‌କୋ ଥାନା ବଳରାମପ୍ରସାଦ ପାଟଣାସାହିରେ ୨୦୧୨ ସେପ୍ଟେମ୍ବର ୨୨ରେ ଘଟିଥିବା ଏକ ହତ୍ୟା ମାମଲାର ରାୟ ସୋମବାର ଅନୁଗୋଳ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ପ୍ରକାଶ ପାଇଛି। ଏହି ମାମଲାର ଅଭିଯୁକ୍ତ ପାଟଣାସାହିର ଗୋଖୁନ ଓରଫ୍ ଅନନ୍ତ ଦାସଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜିତା ଜ୍ୟୋତିଷି ମୋଟ୍ ୨୬ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

ମାମଲାରୁ ପ୍ରକାଶ ଯେ, ୨୦୧୨ ସେପ୍ଟେମ୍ବର ୨୨ ରାତିରେ ଅନୁଗୋଳ ଜିଲା ଜରପଡ଼ା ଥାନା ଅଞ୍ଚଳର ପ୍ରସନ୍ନ ସାହୁ (୫୫)ଙ୍କୁ ହତ୍ୟା କରାଯାଇଥିଲା। ଏ ନେଇ ନାଲ୍‌କୋ ଥାନାରେ ମୃତକଙ୍କ ସାନ ଭାଇ ଭଗବାନ ସାହୁ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୨୫/୧୨ରେ ମାମଲା ରୁଜୁ କରିଥିଲା। ପ୍ରସନ୍ନଙ୍କ ସହ ବଳରାମପ୍ରସଦର ଗୋଖୁନଙ୍କ ବନ୍ଧୁତା ଥିଲା। ନାଲ୍‌କୋରେ ବିଶ୍ୱକର୍ମା ପୂଜା ଭସାଣି ଦେଖିବା ପାଇଁ ଜରପଡ଼ାରୁ ଗୋଖୁନ ତାଙ୍କ ମୋଟର ସାଇକେଲରେ ପ୍ରସନ୍ନଙ୍କୁ ବସାଇ ଆଣିଥିଲେ। ହେଲେ ପରଦିନ ଶାମୁକା ପୋଖରୀରୁ ପ୍ରସନ୍ନଙ୍କ ମୃତଦେହ ନାଲ୍‌କୋ ପୋଲିସ ଜବତ କରିଥିଲା। ଅଭିଯୋଗ ପାଇ ପୋଲିସ ଗୋଖୁନଙ୍କୁ ଗିରଫ କରିବା ପରେ ପଚରା ଉଚରା ସମୟରେ ସେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଗୋଖୁନଙ୍କ ସ୍ତ୍ରୀଙ୍କ ସହ ଦୁର୍ବ୍ୟବହାର କରିବାରୁ ପ୍ରସନ୍ନଙ୍କୁ ହତ୍ୟା କରିଥିବା ମାନିବା ପରେ ପୋଲିସ ଗୋଖୁନଙ୍କୁ କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ତାପସ ରଞ୍ଜନ ମିଶ୍ର ମାମଲା ପରିଚାଳନା କରିଥିବାବେଳେ ବିଶ୍ୱଜିତ୍ ବରାଳ ସହଯୋଗ କରିଥିଲେ।

# ଗର୍ଭବତୀ, ପ୍ରସୂତିଙ୍କୁ କରାଗଲା ସଚେତନ

ତାଳଚେର, ୨୧।୧୧ (ନି.ପ୍ର.)

ତାଳଚେର ବ୍ଲକ କଳମଛୁଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାତୀୟ ନବଜାତ ଶିଶୁ ସପ୍ତାହ ପାଳିତ ହୋଇଯାଇଛି। ଡାକ୍ତର ଭାଗ୍ୟଲକ୍ଷ୍ମୀ ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ ଡା. ଷଡଙ୍ଗୀ ଏହି ସପ୍ତାହ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ନବଜାତ ଶିଶୁର ଉପଯୁକ୍ତ ଲାଳନପାଳନ, ସ୍ୱାସ୍ଥ୍ୟରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଗର୍ଭବତୀ, ପ୍ରସୂତି ମହିଳାମାନଙ୍କୁ ସଚେତନତା କରାଇଥିଲେ। ଏହାସହିତ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗର୍ଭବତୀ, ପ୍ରସୂତି ଓ ଜନସାଧାରଣଙ୍କ ମଧ୍ୟରେ ନବଜାତ ଶିଶୁ ସୁରକ୍ଷା ସମ୍ବନ୍ଧରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ କଳାକାର ସଂଘର କଳାକାରମାନଙ୍କ ଦ୍ୱାରା ପଥପ୍ରାନ୍ତ ପାଲା ପ୍ରଦର୍ଶିତ ହୋଇଥିଲା। କଳମଛୁଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନ୍‌ଏମ୍ ସ୍ୱର୍ଣ୍ଣଲତା ଭୋଇ, ଆଶାକର୍ମୀ ଟିଙ୍କିନା ବେହେରା, ସବିତାରାଣୀ ପ୍ରଧାନ, କୁମୁଦିନୀ ଦାସ ଓ ଶାନ୍ତିଲତା ପୃଷ୍ଟି ସହଯୋଗ କରିଥିଲେ।



# ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ

ବଇଣ୍ଡା,୨୧।୧୧(ଡି.ଏନ.ଏ.)

ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ସେପରି ଉନ୍ନତି ପରିଲକ୍ଷିତ ହେଉନାହିଁ। ସରକାର ଯେଉଁସବୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ସେଗୁଡିକ ଠିକ୍ ଭାବେ ପହଞ୍ଚାଇବାରେ ଅବହେଳା କରାଯାଉଛି। ପ୍ରତ୍ୟେକ ଗ୍ରାମରେ ଶିକ୍ଷାର ମାନ ବୃଦ୍ଧି ପାଇଁ ସରକାରୀସ୍ତରରେ ବହୁ ପଦକ୍ଷେପ ନିଆଯାଉଛି। ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ପଞ୍ଚାୟତସ୍ତରରେ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରାଯାଉ ବୋଲି ସୋମବାର କିଶୋରନଗର ବ୍ଲକ ବିଶ୍ୱ ଯୁବକେନ୍ଦ୍ର ପରିସରରେ ଏକ ଦିନିକିଆ ଷ୍ଟାର ସ୍କୁଲ କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ସମୀକ୍ଷା ବୈଠକରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ମାନେ ଏହି ମତପ୍ରକାଶ କରିଛନ୍ତି। ବିଶ୍ୱ ଯୁବକେନ୍ଦ୍ର ଉପ ସଭାପତି ନମିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ଭାବେ ସିଆର୍‌ସିସି କିଶୋର ଚନ୍ଦ୍ର ସାହୁ, ବସନ୍ତ ପ୍ରଧାନ, ମହିଳା ସ୍ୱାସ୍ଥ୍ୟକର୍ମୀ ଅସ୍ମିତା ପ୍ରଧାନ, ଷ୍ଟାର୍ ସ୍କୁଲ ପ୍ରୋଗ୍ରାମ ମ୍ୟାନେଜର ଅଜୟ ମଲ୍ଲିକ ପ୍ରମୁଖ ଯୋଗଦେଇ ଏହି ଆଲୋଚନାଚକ୍ର ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଏଥିରେ ୨୭ଟି ବିଦ୍ୟାଳୟର ୭ ଜଣ ପ୍ରଧାନ ଶିକ୍ଷକ, ୮ ଜଣ ୱାର୍ଡ ମେମ୍ବର, ୧୫ ଜଣ ବିଭିନ୍ନ ବିଦ୍ୟାଳୟର ସଭାପତି, ୩ ଜଣ ସିଆର୍‌ସିଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ପ୍ରକଳ୍ପ ସଂଯୋଜକ ଜୟନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



# ଅମଳ ବେଳେ ଅତ୍ୟଧିକ



ଆଠମଲ୍ଲିକ, ୨୧।୧୧ (ଡି.ଏନ.ଏ.)

■ଆଠମଲ୍ଲିକ ବନଖଣ୍ଡରେ ବଢ଼ୁଛି ହାତୀ ଉପଦ୍ରବ
■ପାଚିଲା ଧାନ ଖାଇବାକୁ ଗାଁ ମୁହାଁ ହେଉଛନ୍ତି ହାତୀ
■୪ ବର୍ଷରେ ନେଲେଣି ୧୧ ମଣିଷଙ୍କ ଜୀବନ

ଆଖି ଆଗରେ ଉଜାଡ଼ି ଦେଉଛନ୍ତି ଫସଲ। ପାଦରେ ଦଳି ନଷ୍ଟ କରୁଛନ୍ତି ଧାନ, ଆଖୁ ଓ ପରିବା ଚାଷ। ଖବର ଦେଲେ ବି ଘଉଡ଼ାଇବାକୁ ଯାଉନାହାନ୍ତି ବନ କର୍ମଚାରୀ। ବର୍ଷକର ଆହାର ବଞ୍ଚାଇବାକୁ ଉଦ୍ୟମ କରିବା ବେଳେ ହାତୀ ଆକ୍ରମଣର ଶିକାର ହେଉଛନ୍ତି ଚାଷୀ। ବିଶେଷକରି ଧାନ ଅମଳ ସମୟରେ ହାତୀ ଉପଦ୍ରବ ଅତ୍ୟଧିକ ହେଉଥିବା ବେଳେ ଆକ୍ରମଣରେ ଯାଉଛି ମଣିଷ ଜୀବନ। ଗତ ୪ ବର୍ଷରେ ଏପରି ୧୧ ଜଣଙ୍କ ଜୀବନ ନେଲେଣି ହାତୀ। ଏହାକୁ ନେଇ ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡରେ ବଢ଼ୁଛି ଜନ ଅସନ୍ତୋଷ।

ଆଠମଲ୍ଲିକ ବନଖଣ୍ଡର ୫ଟି ରେଞ୍ଜ ଆଠମଲ୍ଲିକ, ଧଣ୍ଡାତୋପା, ମାଧପୁର, ହଣ୍ଡପା ଓ ବାମୁରରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଏହି ବନଖଣ୍ଡରେ ୮୭, ୧୨୪.୮୦୭ ହେକ୍ଟର ଜଙ୍ଗଲ ଥିଲାବେଳେ ସେଥିରୁ ୫୩୮୨.୦୫୬ ହେକ୍ଟର ହେଉଛି ସରଂକ୍ଷିତ। ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ଥିବା ପଞ୍ଚାୟତଗୁଡ଼ିକର ଅଧିକାଂଶ ଗ୍ରାମ ଜଙ୍ଗଲ ନିକଟବର୍ତ୍ତୀ ଥିବାରୁ ଏଠାରେ ହାତୀ ଉପଦ୍ରବ ଲାଗି ରହୁଛି। କେତେବେଳେ ହାତୀ ପଲ ଚାଷ ଜମିରେ ପଶି କ୍ଷୟକ୍ଷତି ଘଟାଉଛନ୍ତି ତ ଆଉ କେବେ ବାଡ଼ି ବଗିଚାରେ ଥିବା କଦଳୀ, ଆମ୍ବ ଆଦି ଗଛ ଭାଙ୍ଗି ନଷ୍ଟ କରିଦେଉଛନ୍ତି। ପରିବା ଚାଷ ମଧ୍ୟ ହାତୀଙ୍କ କବଳରୁ ରକ୍ଷା ପାଇପାରୁ ନାହିଁ। ବିଶେଷକରି ଧାନ ଅମଳ ସମୟରେ ହାତୀପଲ ଗ୍ରାମାଭିମୁଖୀ ହେବା ଚାଷୀଙ୍କ ଚିନ୍ତାର କାରଣ ହେଉଛି। ଫସଲ ଖଳାକୁ ଆଣିବାକୁ ଚାଷୀ ଚାହିଁ ବସିଥିବା ବେଳେ ହାତୀପଲ ବିଲରେ ପଶି ଖାଇବା ସହ ଦଳି ଚକଟି ନଷ୍ଟ କରିଦେଉଛନ୍ତି। ବନ ବିଭାଗକୁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ଠିକ୍ ସମୟରେ କର୍ମଚାରୀ ପହଞ୍ଚି ଘଡ଼ାଇବାରେ ସକ୍ଷମ ହୋଇପାରୁ ନାହାନ୍ତି। କ୍ଷୟକ୍ଷତିର ଠିକ୍ ଆକଳନ କରି ଉପଯୁକ୍ତ କ୍ଷତିପୂରଣ ମଧ୍ୟ ଦେଉନାହାନ୍ତି। ଏହାଛଡ଼ା ସମସ୍ୟା ସମାଧାନ ନିମନ୍ତେ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉ ନାହିଁ। ସୋଲାର ଫେନସିଂ ବ୍ୟବସ୍ଥା କରିବାକୁ ଦାବି ଉଠୁଥିଲେ ମଧ୍ୟ ତାହାକୁ କର୍ଣ୍ଣପାତ କରାଯାଉ ନାହିଁ। ଫଳରେ ଧାନ ଫସଲ ଖାଇବାକୁ ଆସୁଥିବା ହାତୀ ପଲଙ୍କ ଆକ୍ରମଣରେ ଚାଷୀ ଓ ଜନସାଧାରଣଙ୍କ ମୃତ୍ୟୁ ହେଉଛି। ୨୦୧୯ରୁ ୨୦୨୨ ମଧ୍ୟରେ ଆଠମଲ୍ଲିକ ବନଖଣ୍ଡରେ ମୋଟ୍ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଗତ ୨୦ ତାରିଖ ରବିବାର ରାତିରେ ମଧ୍ୟ ହାତୀ ଜଣେ ଚାଷୀଙ୍କ ଜୀବନ ନେଇଥିବା ଅଭିଯୋଗ ହୋଇଛି। ତୁରନ୍ତ ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

### ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯାଉ



ହାତୀ ଆକ୍ରମଣରେ ଯେଉଁମାନଙ୍କ ଜୀବନ ଯାଉଛି, ସେମାନଙ୍କ ପରିବାରରୁ ଜଣଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ସରକାରୀ ଚାକିରି ଦିଆଯାଉ। ଏଥିସହିତ ଉଚିତ କ୍ଷତିପୂରଣ ତୁରନ୍ତ ପ୍ରଦାନ କରାଯାଉ।

-ବଳରାମ ବିଶ୍ୱାଳ, ସଭାପତି, ରାଜିଙ୍ଗ ବନ ସୁରକ୍ଷା ସମିତି

### ସୋଲାର ଫେନସିଂ ବ୍ୟବସ୍ଥା ହେଉ



ହାତୀ ଉପଦ୍ରବରୁ ଚାଷୀମାନଙ୍କୁ ସୁରକ୍ଷା ଦେବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଗ୍ରାମ ଚତୁଃପାର୍ଶ୍ୱରେ ସୋଲାର ଫେନସିଂ ବ୍ୟବସ୍ଥା କରାଯାଉ। ଏଥିସହିତ ବନ ବିଭାଗ କର୍ମଚାରୀ ହାତୀ ଘଉଡ଼ାଇବା ଦିଗରେ ତତ୍ପରତା ପ୍ରକାଶ କରନ୍ତୁ।

-ଶରଣ ବିଶ୍ୱାଳ, କୋଷାଧ୍ୟକ୍ଷ, ରାଜିଙ୍ଗ ବନ ସୁରକ୍ଷା ସମିତି

### ଜଙ୍ଗଲ ବିଭାଗ ଯତ୍ନବାନ ହେଉ



ହାତୀ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ ହେଉଥିଲେ ବି ବନ ବିଭାଗ ଏହାର ସମାଧାନ ଦିଗରେ ସ୍ଥାୟୀ ପଦକ୍ଷେପ ନେଉନାହିଁ। ଏପରି କି ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ହୋଇପାରୁ ନାହିଁ। ହାତୀ ଦ୍ୱାରା ଯେପରି ଚାଷୀଙ୍କ ଫସଲ କ୍ଷତି ଓ ଜୀବନ ନ ଯାଏ ସେଥିପାଇଁ ବନ ବିଭାଗ ଯତ୍ନବାନ ହେବା ଜରୁରୀ।

-ସୁଶାନ୍ତ ମହାପାତ୍ର, ସଭାପତି, ଆଠମଲ୍ଲିକ ବାର୍ ଆସୋସିଏଶନ

# ହାତୀ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ

ଆଠମଲ୍ଲିକ/ ମାଧପୁର, ୨୧।୧୧ (ଡି.ଏନ.ଏ.)

### କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଅନୁଗୋଳ ଜିଲା ଆଠମଲ୍ଲିକ ବନାଞ୍ଚଳ ପୁରୁଣାମାଣତ୍ରି ପଞ୍ଚାୟତର ରାଜିଙ୍ଗ ଗ୍ରାମରେ ରବିବାର ରାତିରେ ହାତୀ ଆକ୍ରମଣରେ ଚାଷୀ ରମେଶ ସାହୁ (୪୦)ଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ଧାନ ଫସଲ ଜଗିବାକୁ ଯାଇଥିବା ବେଳେ ରମେଶଙ୍କୁ ହାତୀ ଆକ୍ରମଣ କରିଥିଲା। ସୋମବାର ରମେଶଙ୍କ ପରିବାର ଓ ଗ୍ରାମବାସୀ କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରିବାରୁ ଦୀର୍ଘ ସମୟ ଧରି ଆଠମଲ୍ଲିକ-କିଆକଟା ରାଜ୍ୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ପ୍ରକାଶ ଯେ, ରାଜିଙ୍ଗ ଗ୍ରାମ ନିକଟକୁ ଚାଲି ଆସିଥିବା ହାତୀ ପଲ ପାଚିଲା ଧାନ କ୍ଷେତରେ ପଶି ଫସଲ ନଷ୍ଟ କରୁଥିଲେ। ଗାଁର କେତେଜଣଙ୍କ ସହିତ ରମେଶ ହାତୀ ଦାଉରୁ ଫସଲ ରକ୍ଷା କରିବାକୁ ଜମି ନିକଟକୁ ଯାଇଥିଲେ। ହାତୀଙ୍କୁ ଘଉଡ଼ାଇବାକୁ ସେମାନେ ବନ ବିଭାଗର ସହାୟତା ନେଇଥିଲେ। ହେଲେ ଫୋନ ପାଇ ମଧ୍ୟ ବିଭାଗୀୟ କର୍ମଚାରୀମାନେ ଘଟଣାସ୍ଥଳକୁ ଆସି ନ ଥିଲେ। ଏହି ସମୟରେ ଗୋଟିଏ ହାତୀ ରମେଶଙ୍କୁ ଆକ୍ରମଣ କରିବାକୁ ଆସିବାରୁ ସେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ହେଲେ ନିଜ ଜୀବନ ରକ୍ଷା କରିବାରେ ସେ ବିଫଳ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଠମଲ୍ଲିକ ମେଡିକାଲ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଉଚିତ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ତରଫରୁ ଆଠମଲ୍ଲିକ-କିଆକଟା ରାଜ୍ୟ ରାଜପଥର ପୁରୁଣାମାଣତ୍ରୀ ଠାରେ ରାସ୍ତାରୋକୋ କରାଯାଇଥିଲା। ଫଳରେ ବହୁ ସମୟ ଧରି ଉଭୟ ପାର୍ଶ୍ୱରେ ଗାଡିଗୁଡ଼ିକ ଅଟକି ରହିଥିଲା। ଖବରପାଇ ଆଠମଲ୍ଲିକ ଥାନା ଆଇଆଇସି ନିରୋଦ କୁମାର ଦାସଙ୍କ ନେତୃତ୍ୱରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ବନ ବିଭାଗ ଅଧିକାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ଦାବି ଶୁଣିଥିଲେ। ପରେ ସ୍ଥାନୀୟ ତହସିଲଦାର ଯଶୋବନ୍ତ ଦେହୁରୀ ରେଡକ୍ରସ ତରଫରୁ ୧୦ ହଜାର ଟଙ୍କା ଓ ସରପଞ୍ଚ ମମତା ପାତ୍ର ହରିଶ୍ଚନ୍ଦ୍ର ଯୋଜନାରେ ଦୁଇ ହଜାର ଟଙ୍କା ଦେଇଥିଲେ। ଏଥିସହ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରତିଶ୍ରୁତି ଦେବା ପରେ ରସ୍ତାରୋକୋ ହଟିଥିଲା। ଏ ବାବଦରେ ଏସିଏଫ ଗୌରୀ ଶଙ୍କର ଦାସ କହିଛନ୍ତି, ହାତୀ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ ଖବରପାଇ ଘଟଣାସ୍ଥଳକୁ ଯାଇଥିଲୁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ୪ ଲକ୍ଷ ଟଙ୍କାର ସହାୟତା ଦେବାର ବ୍ୟବସ୍ଥା କରାଯିବ।



ଉତ୍ୟକ୍ତ ଲୋକେ ଆଠମଲ୍ଲିକ-କିଆକଟା ରାଜ୍ୟ ରାଜପଥ ଅବରୋଧ କରିଛନ୍ତି।

# ବୁଥ୍ କମିଟିକୁ କ୍ରିୟାଶୀଳ ଉପରେ ଗୁରୁତ୍ୱ

ମାଧପୁର, ୨୧।୧୧

ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରି ପଞ୍ଚାୟତର ଆମ୍ବ ବଗିଚା ଠାରେ ସୋମବାର ଭାଜପା ମାଧପୁର ମଣ୍ଡଳ ପକ୍ଷରୁ ପଞ୍ଚାୟତ ବିସ୍ତାରକ, ପଞ୍ଚାୟତ ପ୍ରମୁଖ, ସହପ୍ରମୁଖ ଏବଂ ମଣ୍ଡଳ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ବିଜୟାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଧାନସଭା ସଂଯୋଜକ ଡକ୍ଟର ଅଲେଖ ପ୍ରଧାନ, ଆଠମଲ୍ଲିକ ବିଧାନସଭା ପ୍ରଭାରୀ ଚୌଧୁରୀ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ତଥା ମାଧପୁର ମଣ୍ଡଳ ପ୍ରଭାରୀ ଭବାନୀ ଜ୍ୟୋତିଷରାୟ ଯୋଗଦେଇ ବୁଥ୍ କମିଟିକୁ କ୍ରିୟାଶୀଳ କରିବା ସହିତ କମିଟି ଗଠନ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ପ୍ରଧାନ, ପୂର୍ବତନ ମଣ୍ଡଳ ସଭାପତି ଅଲେଖ ପ୍ରଧାନ, ଅମ୍ବିକା ପ୍ରସାଦ ଦେହୁରୀ, ମଣ୍ଡଳ ଉପସଭାପତି ରମେଶ ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ ପ୍ରକାଶ ସାହୁ, ସୌମ୍ୟରଞ୍ଜନ ମହାନ୍ତି, ଦେବକାନ୍ତ ରଣଭୁଇଁସା, ଅନ୍ତର୍ଯ୍ୟାମୀ ମହାଖୁଡ, ନବ କିଶୋର ମାହାର, ଆଇଟି ସେଲ୍ ସଂଯୋଜକ ବିଶ୍ୱଜିତ ଗାଇଗରିଆ, ରଞ୍ଜନ ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ଭାସୁଛି ଚୋରା ମଦ, ପୋଲିସ ନୀରବ

### ପାରିମାଳ ଅଞ୍ଚଳବାସୀ ଏସ୍‌ପିଙ୍କ ଦ୍ୱାରସ୍ଥ

ଢେଙ୍କାନାଳ ଅଫିସ, ୨୧।୧୧

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ପଣ୍ଡୁଆ ଫାଣ୍ଡି ଅଧୀନ ପାରିମାଳ ଅଞ୍ଚଳରେ ଚୋରା ଦେଶୀ ମଦ କାରବାର ବଢ଼ିବାରେ ଲାଗିଛି। ଏହାଦ୍ୱାରା ଅଞ୍ଚଳବାସୀ ପ୍ରଭାବିତ ହେଉଛନ୍ତି। ସ୍ଥାନୀୟ ପୋଲିସର ଦୃଷ୍ଟି ଆକର୍ଷଣ କଲେ ଅଭିଯୋଗକାରୀଙ୍କୁ ଅସଦାଚରଣ ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହେଉଛି। ଏପରି କି ପଞ୍ଚାୟତର ଜନପ୍ରତିନିଧିଙ୍କୁ ମଧ୍ୟ ଅସମ୍ମାନିତ କରାଯାଉଛି। ଏହାର ପ୍ରତିବାଦରେ ସୋମବାର ଅପରାହ୍ନରେ ପାରିମାଳ ଅଞ୍ଚଳବାସୀ ଏସ୍‌ପିଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ସହ ଫାଣ୍ଡି ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଦାବି କରିଛନ୍ତି। ଏହା ନ ହେଲେ ୫୫ନଂ. ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଅଞ୍ଚଳବାସୀଙ୍କ କହିବା କଥା, ପାରିମାଳ ଅଞ୍ଚଳରେ ପୋଲିସ ଜାଣତରେ ଚୋରା ଦେଶୀ ମଦ କାରବାର ହେଉଛି। ଏଥିରେ ସର୍ବାଧିକ ପ୍ରଭାବିତ ହେଉଛନ୍ତି ଯୁବପିଢ଼ି ଏବଂ ନିମ୍ନ ମଧ୍ୟବିତ୍ତ ପରିବାର। ଅଞ୍ଚଳରେ ନିଶାଡ଼ି ଉତ୍ପାତ କରୁଥିବାବେଳେ ଅଶାନ୍ତି, ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ମହିଳାମାନେ ଅସୁରକ୍ଷିତ ମନେ କରୁଛନ୍ତି। ଏ ନେଇ ଫାଣ୍ଡିର ଦ୍ୱାରସ୍ଥ ହେଲେ ଅଭିଯୋଗକାରୀଙ୍କୁ ପୋଲିସ ପାଲଟା ଗାଳିଗୁଲଜ କରୁଛି। ଥାନା, ଫାଣ୍ଡିକୁ ଅଭିଯୋଗ ନେଇ ଆସୁଥିବା ବ୍ୟକ୍ତିଙ୍କୁ ଯଥାସମ୍ଭବ ସମ୍ମାନ ପ୍ରଦର୍ଶନ କରିବାକୁ କଡ଼ା ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି। ଏସ୍‌ପି ବ୍ୟକ୍ତିଗତ ଭାବେ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ସୁଲୋଚନା ତରେଇ, ସତ୍ୟାନନ୍ଦ ଦାସ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।



ଅଭିଯୋଗ ନେଇ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଅଞ୍ଚଳବାସୀ।

# କଣିହାଁରେ ସରପଞ୍ଚ ସଂଘ ଗଠନ

କଣିହାଁ, ୨୧।୧୧ (ଡି.ଏନ.ଏ.)

କଣିହାଁ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚଙ୍କୁ ନେଇ ରବିବାର ଏକ ସଂଘ ଗଠନ କରାଯାଇଛି। ଏଥିସହିତ ନୂତନ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଛି। ସମଲ ବ୍ୟାରେଜ ଗେଷ୍ଟ ହାଉସ୍‌ରେ ବ୍ଲକର ସମସ୍ତ ସରପଞ୍ଚଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଦାଶିଳା ସରପଞ୍ଚ ବୃନ୍ଦାବନ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସମସ୍ତ ସରପଞ୍ଚଙ୍କୁ ନେଇ ଏକ ସଂଘ ଗଠନ ନିମନ୍ତେ ପ୍ରସ୍ତାବ ଆଣିଥିଲେ। ସଂଘର ନାମ 'ସରପଞ୍ଚ ସଂଘ ପଞ୍ଚାୟତ ସମିତି କଣିହାଁ' ରଖାଯାଇଥିଲା। ଏଥିପାଇଁ କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘ ସଭାପତି ଭାବେ ଶରଧାପୁର ସରପଞ୍ଚ ଦୁଃଖବନ୍ଧୁ ବେହେରା, ଉପସଭାପତି ଭାବେ ରଞ୍ଜିତା ବେହେରା, ସମ୍ପାଦକ ଭାବେ ହାଡିବନ୍ଧୁ ସେଠୀ, ସହ ସମ୍ପାଦକ ଭାବେ ପ୍ରଭାତି ସେଠୀ, ଶାନ୍ତନୁ ପ୍ରଧାନ ଓ ଜିତେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଭାବେ ଭାରତୀ ସାମଲ, ସଦସ୍ୟ ଭାବେ ତପସ୍ୱିନୀ ପାତ୍ର, ଦିପୀ ବେହେରା, ସୁମିତ୍ରା ଦାସଙ୍କୁ ସର୍ବସମ୍ମତ କ୍ରମେ ଚୟନ କରାଯାଇଥିଲା।



ବୈଠକରେ ଉପସ୍ଥିତ ସରପଞ୍ଚମାନେ।

# ଟସ୍‌ରେ ଜିତିଲା ହାଇଦ୍ରାବାଦ

ଢେଙ୍କାନାଳ ଅଫିସ, ୨୧।୧୧

### ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତା

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ୍ ପ୍ରତିଯୋଗିତାର ସୋମବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ହାଇଦ୍ରାବାଦ ଆର୍ଟିଲେରି ତେଲଙ୍ଗାନା ବିଜୟୀ ହୋଇଛି। ନିର୍ଦ୍ଧାରିତ ସମୟ, ଟାଇବ୍ରେକର ଏବଂ ସଡନଡେଥ୍ ସତ୍ତ୍ୱେ ମ୍ୟାଚ୍ ଗୋଲ୍‌ଶୂନ୍ୟ ଥିଲା। ଫଳାଫଳ ପାଇଁ ଟସ୍‌ର ସହାୟତା ନେବାକୁ ପଡ଼ିଥିଲା, ଯାହା ହାଇଦ୍ରାବାଦ ସପକ୍ଷରେ ଯାଇଥିଲା। ମ୍ୟାଚ୍‌ରେ ପରାଜୟ ବରଣ କରିଥିବା ଢେଙ୍କାନାଳ ପପୁଲାର କ୍ଲବ ନରଣପୁର ଦଳକୁ ଭାଗ୍ୟ ସାଥ୍ ଦେଇ ନ ଥିବାବେଳେ କ୍ରୀଡ଼ାବିତ୍‌ଙ୍କ କଳାକୌଶଳ ବେଶ୍ ଆକର୍ଷଣୀୟ ଥିଲା।

ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଫଳାଫଳ ଶୂନ୍ୟ ରହିବା ପରେ ଉଭୟେ ଉଭୟଙ୍କୁ ୧୫ଟି ଲେଖାଏ ପେନାଲ୍‌ଟି କିକ୍ ମାରିଥିଲେ। ଏହାପରେ ଆଲୋକ ଅଭାବରୁ ଖେଳ ଆଗକୁ ବଢ଼ିପାରି ନ ଥିଲା। ଫଳରେ ବିଜୟୀ ଦଳ ଚୟନ ପାଇଁ ଟସ୍‌ର ସହାୟତା ନିଆଯାଇଥିଲା। ବିଜୟୀ ହାଇଦ୍ରାବାଦ ଦଳର ୫ନଂ. ଖେଳାଳି ଜାଭିର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କ୍ରୀଡ଼ାବିତ୍ ଅଜୟ କୁମାର ପଟ୍ଟନାୟକ ତାଙ୍କୁ ପୁରସ୍କୃତ କରିଥିଲେ।

ମୁଖ୍ୟ ରେଫରି ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ, ସହଯୋଗୀ ରେଫରି ଅନିଲ ନନ୍ଦ, ଆଶୀର୍ବାଦ କାନୁନ୍‌ଗୋ, ଶଶିକାନ୍ତ ଦାସିଆ ମ୍ୟାଚ୍ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିଲେ। ପ୍ରେମାନନ୍ଦ ମହାନ୍ତ, ସରୋଜ କୁମାର ପାଢୀ ଧାରା ବିବରଣୀ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ବିଶ୍ୱଜିତ୍ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଜିଲା କ୍ରୀଡ଼ା ସଂଘ ଉପସଭାପତି ସଞ୍ଜୟ ଭଞ୍ଜ, ସମ୍ପାଦକ ନଳିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ରାଜ୍ୟ ଫୁଟବଲ ଆସୋସିଏଶନ ଓ ସମ୍ବଲପୁର ଫୁଟବଲ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

ସୂଚନାଯୋଗ୍ୟ, ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ଜିଲା କ୍ରୀଡ଼ା ସଂଘ ଏବଂ ସ୍ୱର୍ଗତ ଅଧିକାରୀ ସାମଲ ମେମୋରିଆଲ ଟ୍ରଷ୍ଟର ମିଳିତ ସହଯୋଗରେ ଏହି ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି।



ଫୁଟବଲ ପ୍ରତିଯୋଗିତାରେ ସୋମବାର ଅନୁଷ୍ଠିତ ମ୍ୟାଚ୍।

# ପ୍ରତିଭା ପ୍ରଦର୍ଶନ କଲେ ୨୧୦ ଛାତ୍ରୀଛାତ୍ର

ତାଳଚେର, ୨୧।୧୧ (ନି.ପ୍ର.)

ତାଳଚେର ବ୍ଲକ ପଦ୍ମାବତୀପୁର ପଞ୍ଚାୟତ କନ୍ଧବେରେଣୀ ଆଶ୍ରମ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ସରଗି ଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାର ୪୪ଟି ଆଶ୍ରମ ବିଦ୍ୟାଳୟର ୨୧୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ ଓ ମୁଖ୍ୟ ବକ୍ତା ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁସୂଚିତ ଜନଜାତି ଓ ଜାତି ପିଲାମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ସରଗି ଫୁଲ ଏକ ପ୍ରକୃଷ୍ଟ ସ୍ଥାନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି, ମୁଖ୍ୟ ବକ୍ତା ଭାବେ ସାମାଜିକ କର୍ମୀ ବିଭୂତି ଭୂଷଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବ୍ଲକ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁବାସ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ପରିଡ଼ା ଓ କେଦାର ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଲଳିତ ମୋହନ ବେହେରା ପରିଚାଳନା କରିଥିବା ବେଳେ ଅନୁଗୋଳ ବ୍ଲକ ସମ୍ପ୍ରସାରଣ ଅଧିକାରୀ ମାନସ ରଞ୍ଜନ ଭଞ୍ଜଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ବଅଁରପାଳ ବ୍ଲକ ସମ୍ପ୍ରସାରଣ ଅଧିକାରୀ ପରିତୋଷ ପାଣିଗ୍ରାହୀ, ଛେଣ୍ଡିପଦା ବ୍ଲକ ସମ୍ପ୍ରସାରଣ ଅଧିକାରୀ ଶୁଭ୍ରଜିତ ରାଉତ, ପାଲଲହଡ଼ା ବ୍ଲକ ସମ୍ପ୍ରସାରଣ ଅଧିକାରୀ ମନୋରଞ୍ଜନ ରାଉତଙ୍କ ସମେତ ଶିକ୍ଷକ ନରୋତ୍ତମ ସାମଲ, ଦିଲୀପ ପରିଡ଼ା, ପ୍ରବୀର କୁମାର ପ୍ରଧାନ, ଅଞ୍ଜନ କୁମାର ଶତପଥୀ, ନୀଳକଣ୍ଠ ସାହୁ, ପ୍ରମୋଦ ସାହୁ, ଲକ୍ଷ୍ମୀଧର ବେହେରା, ଘନଶ୍ୟାମ ସାହୁ, କନକ କିଷାନ, ଦେବକୀ ପାତ୍ର, ମଞ୍ଜୁ ସାହୁ, ଫୁଲବାଣୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

